# Akashvani, Sambalpur

## SAMBALPURI NEWS EVENING BULLETIN

## 27 June 2025- 7.02 pm- 7.12 pm.

**********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

- ରଥ୍‌ଯାତ୍ରା ଅବ୍‌ସରେ ଲୁକ୍‌କୁ ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ।

- ପାତାଳୀ ଶ୍ରୀକ୍ଷେତ୍ର ଆର୍ ଭଟ୍‌ଲି ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ହେଉଛେ ରଥ୍‌ଯାତ୍ରା ।

୨- ଦେଶର୍ ବିକାଶ୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ଏମ୍‌ଏସ୍‌ଏମ୍‌ଇ କହେଲେ ରାଷ୍ଟ୍ରପତି ।

୩- ଘୁଁଚ୍‌ଲା ବିଇଡି, ବିଏଚ୍‌ଇଡି ଆର୍ ଏମ୍‌ଇଡି ନାଁଲେଖା ପ୍ରବେଶିକା ପରୀକ୍ଷା ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇପାରେ ବର୍ଷା ।

ରଥ୍ଯାତ୍ରା       ପୁରୀ ସମ୍ବାଦଦାତା/ଏକ୍ସ

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେଉଛେ । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ଭଉଣୀ ସୁଭଦ୍ରା ଆଉ ସୁଦର୍ଶନ୍‌ଙ୍କୁ ସାଙ୍ଗେ ନେଇକରି ୯ ଦିନ୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍‌କେ ଘୋଷଯାତ୍ରାଥି ଯାଉଛନ୍ । ସୂଚ୍‌ନା ଅନ୍‌ସାରେ ୪ ବାଜିକରି ୫ ମିନିଟ୍‌ଥି ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିନା ମୁଲ୍ ହେଇଥିବାର୍ ବେଲେ ୬ ବାଜିକରି ୧୦ ମିନିଟ୍‌ଥି ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ଘିଚା ମୁଲ୍ ହେଇଥିଲା । ଘଂଟ୍, ଶଙ୍ଖ, ହରିବୋଲ୍, ହୁଲ୍‌ହୁଲି ଭିତ୍‌ରେ ଭକ୍ତମାନେ ଦୁହି ରଥକେ ଘିଚି ଘିଚି ନଉଛନ୍ । ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଏବ୍‌ତକ୍ ନୁହେଁ ଘିଚା ହୁଏ । ରଥ ଉପ୍‌ରେ ବସିଥିବା ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ଲାଗି ପୁରୀ ବଡ଼ଦାଣ୍ଡ ନ ଲାଖ୍ ଲାଖ୍ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଜମିଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

*କୋଟି କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ୍ ରତ୍ନବେଦୀନୁ ଜନ୍ମବେଦୀକେ ୯ ଦିନ୍ ଲାଗି ଯାତ୍ରାଥି ବାହାରିଛନ୍ । ଟାହିଆ ହଲେଇକରି ଭକ୍ତଙ୍କର୍ ଭିତ୍‌ରେ ବିଜେ*

କରିଛନ୍ ଶ୍ରୀଜଗନ୍ନାଥ୍, ବଳଭଦ୍ର ଆଉ ସୁଭଦ୍ରା । ଭକ୍ତ ଆଉ ଭଗବାନ୍‌ଙ୍କର୍ ଦିବ୍ୟ ମିଳନ୍ ସହେତେ ବଡ଼ଦାଣ୍ଡ ନ ଭକ୍ତମୟ ପରିବେଶ୍ ଲାଗି ରହିଛେ ।

ଅଷାଢ଼୍ ମାସର୍ ଉଜଲ୍‌ପଖର୍ ଦୁତିଆ ତିଥି ଦିନ ଆଏଜ୍ ଚକ୍ରରାଜ୍ ସୁଦର୍ଶନ୍, ବଡ଼ ମାହାପୁରୁ ଶ୍ରୀ ବଳଭଦ୍ର, ମାହାପୁରୁ ଶ୍ରୀ ଜଗନ୍ନାଥ୍ ଆଉ ଦେବୀ ସୁଭଦ୍ରାଙ୍କର୍ ମାନବୀୟ ଲୀଳାକେ ସାରା ବ୍ରହ୍ମାଣ୍ଡ ଦର୍ଶନ୍ କରୁଛେ । ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଳର୍ ୯ ବଜେ ତିନ୍‌ହି ରଥକେ ପ୍ରତିଷ୍ଠା କରାଯିବାର୍ ଉତ୍‌ରୁ ସାଢ଼େ ୯ ବଜେ ମାହାପୁରୁମାନ୍‌କର ଗୋଟି ପହଣ୍ଡି ମୁଲ୍ ହେଇଥିଲା । ଚତୁର୍ଦ୍ଧାମୂର୍ତି ଧାଡ଼ି ପହଣ୍ଡିଥି ଆସିକରି ରଥ ଉପ୍‌ରେ ବିଜେ ହେଇଥିଲେ । ମାହାପୁରୁମାନେ ରଥଥି ବିଜେ ହେଲା ଉତ୍‌ରୁ ଶ୍ରୀ ଶ୍ରୀ ମଦନ ମୋହନ୍, ଶ୍ରୀରାମ ଆଉ ଶ୍ରୀକୃଷ୍ଣଙ୍କୁ ରଥ ଉପ୍‌ରେ ବିଜେ କରାଯାଇଥିଲା । ଉପର୍‌ବେଲା ଚିତାଲାଗି ବେଶ କରାଯାଇକରି ଗଜପତି ମହାରାଜ୍ ଦିବ୍ୟସିଂହ ଦେବ ତିନ୍‌ହି ରଥ ଉପ୍‌ରେ ଛେରା ପହଁରା କରିଥିଲେ । ୪ ବଜେ ଚାରମାଳ ଫିଟା, ଘୋଡ଼ା ଆଉ ସାରଥୀ ଖଞ୍ଜା ଯାଇଥିଲା । ସାଢ଼େ ୪ ବଜେ ପହେଲା ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ୍ ଘିଚା ମୁଲ୍ ହେଇଥିଲା ।

ଆକାଶବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ବିସ୍ମିତା ପ୍ରଧାନ୍ ।

ରଥଯାତ୍ରାକେ ନେଇକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ରାଷ୍ଟ୍ରପତି କହିଛନ୍, ମାହାପୁରୁମାନ୍‌କର୍ ମାନବୀୟ ଲୀଲା ହେଉଛେ ରଥଯାତ୍ରାର୍ ବିଶେଷତ୍ୱ । ସାରା ପୁର୍‌ଥି ନ ଶାନ୍ତି, ମୈତ୍ରୀ ଆଉ ସଦ୍‌ଭାବନା ଲାଗି ରହୁ ବଲି ମାହାପୁରୁଙ୍କର୍ ପାଖେ ଶ୍ରୀମତୀ ମୁର୍ମୁ ଗୁହାରି କରିଛନ୍ ।

ସେନ୍ତା ଶ୍ରଦ୍ଧା ଆଉ ଭକ୍ତିର ଇ ପବିତ୍ର ଉତ୍ସବ୍ ସମ୍‌କର୍ ଜୀବନ୍‌ଥି ସୁଖ୍, ସମୃଦ୍ଧି, ସୌଭାଗ୍ୟ ଆଉ ସୁସ୍ୱାସ୍ଥ୍ୟ ନେଇକରି ଆସୁ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରଥଯାତ୍ରାର୍ ଶୁଭେଚ୍ଛା ଜନେଇକରି କହିଛନ୍, ଶ୍ରୀମନ୍ଦିର୍‌ନୁ ଗୁଣ୍ଡିଚା ମନ୍ଦିର୍‌ତକ୍ ଇ ଦିବ୍ୟ ଯାତ୍ରା ଖାଲି ଗୁଟେ ପବିତ୍ର ରୀତି ନୁହେଁସେ, ଅନ୍ତର୍ଭୁକ୍ତି, ନମ୍ରତା ଆଉ ମାହାପୁରୁଙ୍କର୍ ବିଶ୍ୱ ପ୍ରେମର୍ କାଳଜୟୀ ବାର୍ତା ଆଏ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାହାପୁରୁଙ୍କର୍ ଆଶିର୍ବାଦ୍‌ଥି ରାଜ୍ୟର୍ ବିକାଶ୍ ସହେତେ ଲୁକ୍‌କର୍ ଜୀବ୍‌ନେ ସୁଖ ଆଉ ଶାନ୍ତି ଭରି ହେଉ ବଲି କହିଛନ୍ ।

ରଥଯାତ୍ରା- ପଶ୍ଚିମ ଓଡ଼ିଶା

ସୁବର୍ଣ୍ଣପୁର୍/ ବର୍ଗଡ଼୍/ ସମ୍ବଲ୍ପୁର୍/ ବୌଦ୍ଧ/ ଦେବ୍ଗଡ଼୍/ କଲାହ ାଣ୍ଡି

ଶ୍ରୀକ୍ଷେତ୍ର ପୁରୀ ସହେତେ ଆଏଜ୍ ରାଜ୍ୟର୍ ଗାଁ ସହର୍ ସବୁ ନ ରଥ୍ଯାତ୍ରା ହଉଛେ। ଶ୍ରୀଜଗନ୍ନାଥଙ୍କର୍ ଅନନ୍ୟ ଦିବ୍ୟଲୀଳା କ୍ଷେତ୍ର ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀ କ୍ଷେତ୍ର ନ ଶ୍ରୀମନ୍ଦିର୍ର ନୀତିକାନ୍ତି ଆର୍ ପରମ୍ପରା ଅନ୍ସାରେ ରଥ୍ଯାତ୍ରା ହଉଛେ। ତ୍ରିକୁଟ ପର୍ବତ୍ର ଛଲିଆ ଶିଖର୍ ମନ୍ଦିର୍ନୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେବାୟତ୍ମାନେ ଧାଡ଼ିପହଣ୍ଡିଥି ଶହେ ୮ ପାହୁଁଚ୍ ଉତ୍ରେଇକରି ବଡ଼୍ଦାଣ୍ଡକେ ଆନିଥିଲେ ଆଉର୍ ମାହାପୁରୁମାନ୍କୁ ରଥେ ବିରାଜ୍ମାନ୍ କରାଯାଇଥିଲା। ତାର୍ ଉତ୍ରୁ ରଥ୍ଘିଚା ମୁଲ୍ ହେଇଛେ।

ସମ୍ବଲ୍ପୁର୍ ଆର୍ ରେଢ଼ାଖୋଲ୍ ସହର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ରଥ୍ଯାତ୍ରା ହେଉଛେ। ସମ୍ବଲ୍ପୁର୍ ନ ଝାଡୁଆପଡ଼ାର୍ ବ୍ରହ୍ମପୁରା ମାହାପୁରୁଙ୍କର୍ ପହଣ୍ଡି ଉତ୍ରୁ ବାକି ପଡ଼ାମାନ୍କୁ ମାହାପୁରୁମାନ୍କର୍ ପହଣ୍ଡି କରାଯାଇଥିଲା। ରଥମାନ୍କୁ ବିରାଜୁଥିବା ମାହାପୁରୁଙ୍କର୍ଙ୍କ ଠାନେ ଭାତ୍ଖୁଆନି ହେଇସାରିଥିବା ଛୁଆମାନ୍କର୍ ରଥଛୁଆଁ ବିଧି କରାଯାଇଥିଲା। ତାର୍ଉତ୍ରୁ କେନ୍ଯୁଗୁ ଚଲିଆସୁଥିବା ପରମ୍ପରା ଅନ୍ସାରେ

ବଡ଼ସଡ଼ଖେ ସବାଆଘୋ ବ୍ରହ୍ମପୁରା ମାହାପୁରୁଙ୍କର୍ ରଥ ଉତ୍ରୁ ବାକିପଡ଼ା ମାନ୍‌କର୍ ରଥ ଘିଚା ଚାଲିଛେ ।

ବର୍‌ଗଡ୍ ଜିଲ୍ଲାର୍ ଭଟ୍‌ଲି ନ ଦଧିବାମନ୍ ମାହାପୁରୁଙ୍କର୍ ନବଗୁଞ୍ଜର ରଥ୍‌ଯାତ୍ରା ମୁଲ୍ ହେଇଛେ । ଆଏଜ୍ ସଖାଲ୍‌ବେଲା ମାହାପୁରୁଙ୍କୁ ପହଣ୍ଡି କରିକରି ରଥଦାଣ୍ଡକେ ନିଆଯାଇଥିଲା । ମଙ୍ଗଲ୍‌ଆଲ୍‌ତୀ ଆର୍ ଛୋଟ୍‌ଛୋଟ୍ ଛୁଆମାନ୍‌କର୍ ରଥଛୁଆଁ ଉତ୍ରୁ ରଥ୍‌ଘିଚା ଯାଇଥିଲା ।

ବୌଦ୍ଧ ନ ଉପର୍‌ବେଲା ରଥ୍‌ଘିଚା ମୁଲ୍ ହେଇଛେ । ଜଗନ୍ନାଥ ମନ୍ଦିର୍ ନ  ସାଖାଲର୍ ସାଢ଼େ ୧୧ ବଜେ ମାହାପୁରୁଙ୍କୁ ପହଣ୍ଡି କରିକରି ରଥକେ ଅନାଯାଇଥିଲା ।

ଦେବ୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍ ସହେତେ ସହରର୍ ପୁରୁଣାଗଡ଼ ନ ଥିବା ଜଗନ୍ନାଥ ମନ୍ଦିର୍‌ଥି ଆଏଜ୍ ସଖାଲୁ ମାହାପୁରୁଙ୍କର୍ ପହଣ୍ଡି କରାଯାଇକରି ରଥଥି ବିରାଜ୍‌ମାନ୍ କରାଯାଇଛେ । ପରମ୍ପରା ଅନ୍‌ସାରେ ବେଲ୍‌ବୁଡ଼େ ସନ୍ଧ୍ୟାଆଲ୍‌ତୀ ଉତ୍ରୁ ସର୍ବସାଧାରଣ୍ ଦର୍ଶନ୍ କରାଯିବା ଆଏବା କାଏଲ୍ ଆର୍ ପର୍‌ଦିନ ରଥ୍‌ଘିଚା ହେବା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ରାଜା ଅନନ୍ତ ପ୍ରତାପ୍ ଦେଓ ବଳଭଦ୍ରଙ୍କର୍ ପାଟଦଉଡ଼ି ଧରିଥିବାର୍ ବେଲେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ସୁଭଦ୍ରାଙ୍କର୍ ଆର୍ ରାଜ୍‌କୁମାର୍ ଅଦ୍ୱୈତ କୁମାର୍ ଦେଓ ଜଗନ୍ନାଥ ମାହାପୁରୁଙ୍କର୍ ପହଣ୍ଡି ବିଜେ କରିଥିଲେ । ରଥାରୁଢ଼

ମାହାପୁରୁମାନ୍‌କର୍ ପୂଜା ଆଉ ଆଲ୍‌ତୀ ଉତ୍‌ରୁ ରଥ୍‌ଘିଚା ମୁଲ୍ ହେଇଥିଲା ।

ରାଷ୍ଟ୍ରପତି-ଏମ୍‌ଏସ୍‌ଏମ୍‌ଇ ଦିବସ୍    ଏନ୍‌ଏସ୍‌ଡି

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଦେଶର୍ ବିକାଶ୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ଠାନେ ଆଏଜ୍ ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ୍ ସମାରୋହକେ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ଦେଶର୍ ଜିଡିପିଥି ଏମ୍‌ଏସ୍‌ଏମ୍‌ଇ ର ପାଖାପାଖି ୩୦ ପ୍ରତିଶତ୍ ଯୋଗଦାନ୍ ରହିଚେ । ସେନ୍ତା ଉତ୍ପାଦନ୍ କ୍ଷେତ୍ରଥି ୩୬ ଆଉ ରପ୍ତାନୀ କ୍ଷେତ୍ରଥି ୪୫ ପ୍ରତିଶତ୍ ଯୋଗଦାନ୍ ରହିଛେ । ଦେଶେ ସ୍ଥାୟୀ ଆର୍ଥିକ୍ ବିକାଶ୍ ଲାଗି ଏମ୍‌ଏସ୍‌ଏମ୍‌ଇ ଇକୋ ସିଷ୍ଟମ୍ ଦର୍‌କାର୍ ଅଛେ । ଇଟା ଗ୍ରାମୀଣ ଆଉ ପଛୁଆ ଇଲାକା ନ ନିଯୁକ୍ତି ସୁଯୋଗ୍ ତିଆର୍ କର୍‌ବାର୍ ସହେତେ ଆର୍ଥିକ୍ ଦୁର୍ବଲ୍ ବର୍ଗର୍ ଲୁକ୍‌କୁ ସଶକ୍ତ କରୁଛେ ବଲି ରାଷ୍ଟ୍ରପତି କହିଛନ୍ ।
(ଭଏସ୍ ଓଭର୍- ରାଷ୍ଟ୍ରପତି)

ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ          ହି.ସ.

ରଥଯାତ୍ରା ଲାଗି 'ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ'କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କରିଛନ୍ । ସ୍ୱାସ୍ଥ୍ୟ ବିଭାଗ୍‌ର ଇ ପ୍ରଦର୍ଶନୀ ସ୍ୱାସ୍ଥ୍ୟ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝାବା ।

ବିଇଡି ପ୍ରବେଶିକା ଘୁଁଚ୍‌ଲା I&PR

୨୦୨୫-୨୬ ଶିକ୍ଷା ବଛ୍‌ରେ ବିଇଡି, ବିଏଚ୍‌ଇଡି ଆର୍ ଏମ୍‌ଇଡି ବିଷେଥି ନାଁଲେଖା ଲାଗି ହେବାର୍‌କେ ଥିବା ପ୍ରବେଶିକା ପରୀକ୍ଷାକେ ଘୁଚେଇ ଦିଆଯାଇଛେ । ଖୋବ୍ ଜଲ୍‌ଦି ରାଜ୍ୟ ଚୟନ ବୋର୍ଡ୍ ତର୍‌ଫୁ ନୂଆଁ ତାରିଖ୍ ଘୋଷ୍‌ନା କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇଂଟିଗ୍ରେଟେଡ୍ କମାଣ୍ଡ୍ ଆଣ୍ଡ କଂଟ୍ରୋଲ୍ ସେଂଟର-କେନ୍ଦ୍ରମନ୍ତ୍ରୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପୁରୀ ଠାନେ ପୁଲିସ୍ ତର୍‌ଫୁ ହେଇଥିବା ଇଂଟିଗ୍ରେଟେଡ୍ କମାଣ୍ଡ୍ ଆଣ୍ଡ କଂଟ୍ରୋଲ୍ ସେଂଟର୍‌କେ ବୁଲି ଦେଖିଛନ୍ । ଇ ବାବ୍‌ଦେ ଶ୍ରୀ ପ୍ରଧାନ୍

ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ରଥଯାତ୍ରାକେ ଶୃଙ୍ଖଳିତ୍ କର୍‌ବାର୍ ସହେତେ ଭିଡ୍ ଆଏତ୍ କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ ନିଆଯାଇଥିବା ଇ ବ୍ୟବସ୍ଥା କେତ୍‌ନିକେତେ ଉପଯୋଗୀ ହେଇପାରିଛେ । ପହେଲାକରି ରଥଯାତ୍ରାଥି ବେଭାର୍ କରାଯାଇଥିବା ଡ୍ରୋନ୍ ଆଉ ଅଲ୍‌ଗା ଟେକ୍ନୋଲୋଜିକେ ସିଧାସଲଖ୍ ତଦାରଖ୍ କର୍‌ବାର୍ ଦିଗେ ଓଡ଼ିଶା ପୁଲିସ୍‌ର ଇ ପଦକ୍ଷେପ୍ ପ୍ରଶଂସନୀୟ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୩୦ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଅଭିଯୋଗ୍ ଶୁଣାଣି ଶିବିର୍ ଠାନେ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୨ ବଜେନୁ ପଞ୍ଜିକରଣ୍ ମୁଲ୍ ହେଉଛେ । ଇଥିର୍‌ଲାଗି ସବୁନୁ ଜହ ହଜାରେ ଲୋକ୍ ଅନ୍‌ଲାଇନ୍ ପଞ୍ଜିକରଣ୍ କରିପାର୍‌ବେ । ଇଚ୍ଛୁକ ଆବେଦନ୍‌କାରୀ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ନାହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍

କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନର୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ନୂଆପଡ଼ା-ଦିବ୍ୟାଙ୍ଗ ପ୍ରମାଣ୍ପତ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଠାନେ ଆଏବା ମାସର୍ ୧ ଆଉ ୪ ତାରିଖ୍ ଦିନ ଦିବ୍ୟାଙ୍ଗ ମାନ୍କୁ ପ୍ରମାଣ୍ପତ୍ର ଦିଆଯିବା ବଲି ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଏଜ୍ ହେଇଥିବା ମେଡ଼ିକାଲ୍ ବୋର୍ଡ଼ ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଛେ । ସେନ୍ତା ଜୁଲାଇ ମାସର୍ ୩ ନମ୍ବର୍ ମଙ୍ଗଲ୍ବାର୍ ଦିନ ଖଡ଼ିଆଲ୍ ଉପଖଣ୍ଡ ଡାକ୍ତର୍ଖାନା ଠାନେ ଆଉ ୧୫ ତାରିଖ୍ ଦିନ ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ପ୍ରମାଣ୍ପତ୍ରକେ ଯାଂଚ୍ କର୍ବେ । ଧାରିଜ୍ ଦିନ୍ମାନ୍କେ ଖଡ଼ିଆଲ୍, ବୋଡ଼େନ୍, ସିନାପାଲି ବ୍ଲକ୍ର ହିତାଧିକାରୀମାନେ ଇଥି ଯୋଗ୍ ଦେବାର୍କେ ଅନୁରୋଧ୍ କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାର୍ ଆଖର୍ପାଖର୍ ଇଲାକା ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି

ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ଅପର୍‌ବଲ୍ ବର୍ଷା ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।